# ବିଜୁବାବୁଙ୍କର କ'ଣ ହୋଇଛି ?

୦୬/୦୩/୧୯୯୪

ଗତକାଲିର ଜୟନ୍ତୀ ପାଳନ ପରେ ଆଜିର ଏ ପ୍ରଶ୍ନ ଅନେକଙ୍କୁ ଅଶାଳୀନ, ଅବାନ୍ତର ବା ଅବାଞ୍ଛିତ ମନେ ହୋଇପାରେ ଆମକୁ କିନ୍ତୁ ତାହା ଯଥେଷ୍ଟ ଆନ୍ଦୋଳିତ କରୁଛି । କାରଣ ଏ ଉତ୍ସବ ପାଳନରେ କେତେ ଯେ ଆନ୍ତରିକତା ଅଛି ସେ ନେଇ ସନ୍ଦେହ ରହିଯାଉଛି । ଔପଚାରିକ ଅଭିନନ୍ଦନ ଏବଂ ଆନନ୍ଦ ଉଲ୍ଲାସ ମଧ୍ୟରେ ମନେ ହେଉଛି ସତେ ଯେପରି କେଉଁଠି କଣ ଅଟକି ରହିଛି । କେହି ଆଜି ସୁଖୀ ଥିଲା ପରି ମନେ ହେଉନାହାନ୍ତି । ନିଜ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କଠାରୁ ଆରମ୍ଭ କରି ଦଳର ବିଧାୟକ, ସରକାରୀ କର୍ମଚାରୀ, ଛାତ୍ର, କୃଷକ ଏବଂ ଶ୍ରମିକ କେହି ଆଜି ଖୁସି ଥିଲା ପରି ଜଣାଯାଉନାହାନ୍ତି । କିନ୍ତୁ କାହିଁକି ?

ସ୍କୁଲରେ ପଢିବା ଦିନଠାରୁ ଆମକୁ ଓଡ଼ିଶା ବିଷୟରେ ବରାବର ଗୋଟିଏ କଥା ସମସ୍ତେ କହି ଆସିଛନ୍ତି । ଧନୀ ପ୍ରଦେଶର ଦରିଦ୍ର ଲୋକ । ଆମର ସବୁକିଛି ଥାଇ ମଧ୍ୟ ମନେହେଉଛି, ସତେ ଯେପରି ଆମର କିଛି ନାହିଁ । ନଦନଦୀ, ପାହାଡ ପର୍ବତ ତଥା ବଣଜଙ୍ଗଲ ଘେରା ଏ ଓଡ଼ିଶାକୁ ପ୍ରକୃତିର ଅନୁକମ୍ପା ଅଭାବନାହିଁ । ଦୁର୍ଲ୍ଲଭ ଖଣିଜ ପଦାର୍ଥ ଓଡ଼ିଶାରେ ଯେଉଁ ପରିମାଣରେ ଅଛି, ଭାରତରେ ଆଉ କାହା ପାଖରେ ନାହିଁ । ଆମ ଉପକୂଳ ଏବଂ ବେଳାଭୂମି ସବୁଠାରୁ ମନଛୁଆଁ ଓ ଲୋଭନୀୟ ବୋଲି ସମସ୍ତେ କହନ୍ତି । ଜାତି, ଧର୍ମ, ବର୍ଣ୍ଣ ଏବଂ ଭାଷାକୁ ନେଇ ଆଜି ଯେତେବେଳେ ଭାରତରେ ସମସ୍ତେ ଭାଗବଣ୍ଟା କରି ଭୋଟ୍ ବ୍ୟାଙ୍କ୍ ଲୁଟିବାରେ ବ୍ୟସ୍ତ, ଜଗନ୍ନାଥଙ୍କର ଆଶୀର୍ବାଦରୁ ଆମେ ସେସବୁର ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ ନଥିଲେ ମଧ୍ୟ, ନିରାପଦ ଦୂରତ୍ୱରେ ରହିଆସିଛୁ । ଆମର ଶତକଡା ୪୦ ଭାଗ ଭାଇ ଭଉଣୀ ବନବାସୀ ଏବଂ ହରିଜନ । ସାମାଜିକ ସମରସତାର ଆଦର୍ଶ ଓ ପ୍ରମାଣ ଯଦି କେହି ସ୍ୱଚକ୍ଷୁରେ ଦେଖିବାକୁ ଚାହେଁ, ତା'ହେଲେ ସେ ଓଡ଼ିଶା ଆସିବା ଦରକାର । ଆଜି କିନ୍ତୁ ଏ ସବୁ କିଛି ନିରର୍ଥକ ମନେହେଉଛି । ବିଜୁବାବୁଙ୍କର ଜୟନ୍ତୀ ଉତ୍ସବ ଏବଂ ତା'ପଛକୁ ରହିଥିବା ଚାରିବର୍ଷର ଅନୁଭୂତି ଆଜି ଆମକୁ ଏ ବିଷୟରେ ଅଧିକ ଆତ୍ମ ସଚେତନ କରୁଛି । ସେହି ପୁରୁଣା କଥା ମନେପଡୁଛି । ଆମର ସବୁକିଛି ଥାଇ ମଧ୍ୟ କିଛି ନାହିଁ ପରି ଲାଗୁଛି । ୮୦ ବର୍ଷର ରାଜନୈତିକ ଅନୁଭୂତି ଆଜି ବିଜୁବାବୁଙ୍କୁ ଭାରତର ସକ୍ରିୟ ରାଜନୀତିଜ୍ଞମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ କରି ତୋଳିଛି । ଦୀର୍ଘଦିନର ଜୟ ପରାଜୟର ଅନୁଭୂତି ମଧ୍ୟରେ ଗତଥର ତାଙ୍କୁ ଯେଉଁ ସମର୍ଥନ ମିଳିଲା, ତାହା ତାଙ୍କର ସବୁଠାରୁ ସ୍ମରଣୀୟ ବିଜୟ ହୋଇ ରହିବ । ନିର୍ବାଚନରେ ସେ କେବଳ ବିପୁଳ ସଂଖ୍ୟାରେ ଭୋଟ ପାଇଲେ ନାହିଁ, ବିଧାନସଭାରେ ମଧ୍ୟ ସର୍ବାଧିକ ସଂଖ୍ୟା ଗରିଷ୍ଠତାରେ ତାହା ପ୍ରତିଫଳିତ ହେଲା । ଏପରିକି ଏକ ସ୍ୱୀକୃତ ବିରୋଧୀଦଳର ଅସ୍ତିତ୍ୱ ମଧ୍ୟ ରହିଲା ନାହିଁ । ଦଳରେ ସବୁ ବିବାଦ ସତ୍ତ୍ୱେ ତାଙ୍କ ନେତୃତ୍ୱ ଯେ ସର୍ବମାନ୍ୟ ବା ଅପ୍ରତିଦ୍ୱନ୍ଦ୍ୱୀ ଥିଲା, ତାହା ତାଙ୍କର ନିନ୍ଦୁକମାନେ ମଧ୍ୟ ସ୍ୱୀକାର କରିବେ । ଆଜିର ସଦା ଗୋଷ୍ଠୀ ବିବାଦରେ ଲିପ୍ତଥିବା

## ଆମ ଘରର ହାଲଚାଲ

**ସୌମ୍ୟରଞ୍ଜନ ପଟ୍ଟନାୟକ**

ରାଜନୈତିକ ଦଳମାନଙ୍କର ଆଚରଣକୁ ଦେଖିଲେ ଏହା ବିଶ୍ୱସନୀୟ ମନେ ହେଉନାହିଁ । ଏବେ ସିନା ଲୋକ ଦେଖାଣିଆ ଭାବେ କେନ୍ଦ୍ର ବିରୋଧୀ କଥା କୁହାଯାଉଛି, ଓ ବିଧାନସଭାରେ ପ୍ରସ୍ତାବ ଗୃହୀତ ହେଉଛି । କିନ୍ତୁ ଗତ ଚାରିବର୍ଷରେ କେନ୍ଦ୍ର ସରକାରଙ୍କ ସହିତ ତାଙ୍କ ସମ୍ପର୍କ ଯେ ଅତି ଘନିଷ୍ଠ ଏବଂ ତାଙ୍କ ପ୍ରତି ପ୍ରଧାନମନ୍ତ୍ରୀମାନଙ୍କର ଯେ ଅନୁକୂଳ ମତ ଅଛି ଏକଥା ଦେଖାଇହେବାରେ ବିଜୁବାବୁ କେବେ ହେଳା କରିନାହାନ୍ତି । ଭି.ପି. ସିଂହ କାଳେ ତାଙ୍କ ଦର୍ଶନ ଓ ପରାମର୍ଶ ଆଶାରେ ଓଡ଼ିଶା ଭବନରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଥିଲେ । ନରସିଂହ ରାଓ ତ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନରେ 'ବିଜୁଦାଦା' ବୋଲି ସମ୍ବୋଧନ କରନ୍ତି । ଦରିଦ୍ର ଓଡ଼ିଶାକୁ 'ସୁନାର ଓଡ଼ିଶା' କରିବା ପାଇଁ ସ୍ୱପ୍ନ ଦେଖୁଥିବା ଏବଂ ପ୍ରତିଶ୍ରୁତି ଦେଇଥିବା ଅଭିଜ୍ଞ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କର ପୁଣି ଅସୁବିଧା ରହିଲା କେଉଁଠି ? କିଛି କରିହେଉନାହିଁ କାହିଁକି ? ସମସ୍ତେ ଆଜି ଅସୁଖୀ ହୋଇ ପଡିଛନ୍ତି କେଉଁ କାରଣରୁ ? ବିଜୁବାବୁଙ୍କର ସବୁକିଛି ଥାଇ, କିଛି ନାହିଁ ଏପରି ଅବସ୍ଥା ହୋଇଛି କାହିଁକି ? ସରକାରଙ୍କର ସର୍ବନିମ୍ନ ଦାୟିତ୍ୱ ଧନଜୀବନର ସୁରକ୍ଷା କରିବାରେ ସେ ଆଜି ଅସମର୍ଥ । ମା' ଭଉଣୀମାନଙ୍କୁ ସମ୍ମାନ ଦେବାର କଳ୍ପନା ଓଡ଼ିଶାରେ ସର୍ବାଧିକ ନାରୀ ନିର୍ଯ୍ୟାତନା ଓ ବଧୂହତ୍ୟାର ପରିପ୍ରେକ୍ଷୀରେ ଏକ ପ୍ରହସନରେ ପରିଣତ ହୋଇଛି । ଇସ୍ପାତ କାରଖାନା କରି ଲକ୍ଷ ଲକ୍ଷ ଓଡ଼ିଆ ଯୁବକଙ୍କୁ ନିଯୁକ୍ତି ଦେବାକଥା କହିଲାବେଳକୁ ତିନୋଟି କଦମ୍ବ ଗଛ ଏବଂ ତାଙ୍କର ଜଗୁଆଳୀ ନିଯୁକ୍ତି ପାଇଛନ୍ତି ବୋଲି ଲୋକ ପରିହାସ କଲେଣି । ଇସ୍ପାତ କାରଖାନା ଦୂରେ ଥାଉ, ଛୁଞ୍ଚି କାରଖାନାଟିଏ ବି ହୋଇପାରିଲା ନାହିଁ । ଇସ୍ପାତ କାରଖାନା ପଛରେ ପାଗଳ ହୋଇ ସର୍ବାଧିକ ନିଯୁକ୍ତି ସମ୍ଭାବନା ଥିବା କ୍ଷୁଦ୍ର ଶିଳ୍ପକୁ ଅବହେଳା କରାଗଲା । ବହୁ ସଂଖ୍ୟାରେ ଗ୍ରାମାଞ୍ଚଳର ଯୁବକ ଯୁବତୀମାନେ ନିଯୁକ୍ତି ପାଇଥିବା ସୂତା କଳଗୁଡ଼ିକୁ ଦୁର୍ନୀତିଗ୍ରସ୍ତ ସରକାର ଜାଣିଶୁଣି ଅଚଳ କଲେ ଏବଂ ପରେ ବିକିବାର ପ୍ରସ୍ତାବ ଦେଇ ପୁଣି ଦୁଇ ପଇସା ହାତଗୁଞ୍ଜାର ଯୋଜନା କରୁଛନ୍ତି । କୃଷିପ୍ରଧାନ ଓଡ଼ିଶାରେ ଆମର ସର୍ବବୃହତ୍ ମନ୍ତ୍ରିମଣ୍ଡଳ ଅଛି, କିନ୍ତୁ କୃଷିମନ୍ତ୍ରୀ ନାହାନ୍ତି କି, କୃଷି- ନୀତି ନାହିଁ । ନାମକୁ ମାତ୍ର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଇସ୍ପାତ କାରଖାନା ପାଇଁ ପାଗଳ କୃଷିନୀତି ବିଷୟରେ ଚିନ୍ତା କରିବାକୁ ସମୟ ପାଇବେ କେଉଁଠୁ ? ପ୍ରଶାସନକୁ ଲୋକଙ୍କର ନିକଟତର କରିବା କଥା କହି ଜିଲ୍ଲା ପୁନର୍ଗଠନ ପରି ଏକ ସମ୍ପୂର୍ଣ୍ଣ ପ୍ରଶାସନିକ ପ୍ରଶ୍ନକୁ ଏକ ଅହେତୁକ ଓ ଅବାଞ୍ଛିତ ରାଜନୈତିକ ସମସ୍ୟାରେ ପରିଣତ କରାଯାଇଛି । ଆଜି ଓଡ଼ିଶାରେ ଭାବଗତ ଏକତାର ଏକାନ୍ତ ଆବଶ୍ୟକତା ଥିଲାବେଳେ ନିଜ ଦୁର୍ବଳତାକୁ ଘଣ୍ଟ ଘୋଡେଇବା ପାଇଁ ଜିଲ୍ଲା ପ୍ରଶ୍ନ ଉଠେଇ ଆମକୁ ଭାଗ ଭାଗ କରିବା ପାଇଁ ଏବଂ ଆମ ଭିତରେ ବିଭେଦ ସୃଷ୍ଟି କରିବା ଲାଗି ଚେଷ୍ଟା ଚାଲିଛି । ଅବସ୍ଥା ଆଜି ଏପରି ହେଲାଣି, ସରକାର ଏକ କାମଚଳା ବା ନାମମାତ୍ର ସରକାରଠାରୁ ଦୁର୍ବଳ ହୋଇଗଲେଣି । କୌଣସି ଗୋଟିଏ ନିଷ୍ପତ୍ତି ନେବାପାଇଁ ତାଙ୍କର ସାହସ ହେଉନାହିଁ କି ନେଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରିବାର ସାମର୍ଥ୍ୟ ବା ବିଶ୍ୱାସ ରହୁନାହିଁ । ଫଳରେ ସବୁକ୍ଷେତ୍ରରେ ଦିଲ୍ଲୀରୁ ଦୌଲତାବାଦ ପରି କଥାଟି ହେଉଛି । ତାହା ପ୍ରଥମ ଦିନରୁ ଏକାକୀ ଶପଥ ନେଇ ଖର୍ଚ୍ଚକାଟ ନାଁରେ ଏକ ଟଙ୍କା ଦରମାରେ ସାଇକେଲ୍ ଚଢି ଶାସନ କରିବାର ନିଷ୍ପତ୍ତି ହେଉ ବା ସରକାରୀ କର୍ମଚାରୀମାନେ ନିଜ ଘରେ ଥିଲେ ସରକାରୀ ଘରେ ରହିପାରିବେ ନାହିଁ ବୋଲି ଅତି ଛୋଟ କଥାଟିଏ ହେଉ । ମଦ ମୃତ୍ୟୁ ଘଟଣାର ବିଭାଗୀୟ ତଦନ୍ତର ପ୍ରତିବାଦ ହେଉ କି ବ୍ୟୟ ସଙ୍କୋଚନ ନାଁରେ ସରକାରୀ କର୍ମଚାରୀମାନଙ୍କୁ ତାଙ୍କ ସୁବିଧା ସୁଯୋଗରୁ ବଞ୍ଚିତ କରିବାର ଲୋକ ଦେଖାଣିଆ ନିଷ୍ପତ୍ତି ହେଉ, ମଣ୍ଡଳ କମିଶନ ସମ୍ପର୍କିତ ତାଙ୍କର ଦିଲ୍ଲୀ ଏବଂ ଭୁବନେଶ୍ୱରରେ ଦେଇଥିବା ଭିନ୍ନ ଭିନ୍ନ ବକ୍ତବ୍ୟ ହେଉ କିମ୍ବା କାଂଶୀରାମଙ୍କର ପ୍ରଶଂସା ହେଉ, ଯେ କୌଣସି କ୍ଷେତ୍ରରେ ବିଚାର କଲେ ଯେ କେହି ହେଲେ ମନେ କରିବ ଯେ ବିଜୁବାବୁଙ୍କର କ'ଣ ଗୋଟେ ହୋଇଛି ଯାହାଦ୍ୱାରା ସେ ଦୃଢ ନିଷ୍ପତ୍ତି ନେଇପାରୁ ନାହାନ୍ତି କି କିଛି କରିପାରୁ ନାହାନ୍ତି । ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ଆଜି ଦିବାଲୋକ ପରି ସ୍ପଷ୍ଟ ।

ସମ୍ମାନ ଓ ଶାଳୀନତା ଦୃଷ୍ଟିରୁ ବୟସାଧିକ୍ୟ କହି ଏହାକୁ ଚଳେଇ ନେବା ନା ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ଦୃଷ୍ଟିରୁ ଏହାର ପ୍ରତିକାର ପାଇଁ ସଂକଳ୍ପ ନେବା ? ସ୍ୱନକ୍ଷତ୍ରରେ ସମସ୍ତେ ଆତ୍ମ ସଚେତନ ହେବା ଦରକାର- ଆତ୍ମ ସଚେତନତା ପ୍ରକାଶ ନ ପାଇଲେ ତାଙ୍କୁ ଚେତେଇ ଦେବାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର ।